## ସଂକ୍ଷେପରେ

### ନିଶାଠାରୁ ଦୂରେଇ ରହିବାକୁ ଛାତ୍ରୀଛାତ୍ରଙ୍କୁ ସଚେତନତା




ମୁନିଗୁଡ଼ା,୮।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ଯୁକ୍ତ ୨ ମହାବିଦ୍ୟାଳୟ ପରିସରରେ ଆଉଟ୍‌ରିଚ ଡ୍ରପ୍ ଇନ୍ ସେଣ୍ଟର ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୁଧବାର ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଦେବାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ହିସାବ ରକ୍ଷକ ମନୋବାବୁ ବାଗ ଯୋଗଦେଇ ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନିଶାମୁକ୍ତ କରାଇବା ପାଇଁ ଉଦ୍ଦିଷ୍ଟ ମାଗଣା ଚିକିତ୍ସା, ରହଣି, ଭୋଜନ ତଥା ଅନ୍ୟ ସରକାରୀ ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ଏଥିସହ ଯୁବଗୋଷ୍ଠୀ ନିଶା କବଳରେ ପଡ଼ି ନିଜ ସୁନ୍ଦର ଭବିଷ୍ୟତକୁ ନଷ୍ଟ ନ କରିବାକୁ ସତର୍କ କରାଇଥିଲେ। ନିଶା ସମାଜ ପାଇଁ କଳଙ୍କ। ତେଣୁ ଯୁବଗୋଷ୍ଠୀ ଏଥିରୁ ଦୂରେଇ ରହିବା ପାଇଁ ଅଧକ୍ଷ ଆହ୍ୱାନ କରିଥିଲେ। ଅଧାପକ ଦେବବ୍ରତ ରାଜଗୁରୁ, ଚତୁର୍ଭୁଜ ବସ୍ଥର, କଲ୍ୟାଣୀ ପାଢ଼ୀ, ନିବେଦିତା ନାୟକଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ଗଞ୍ଜେଇ ଚାଲାଣ ମାମଲା

ଗୁଣପୁର,୮।୪(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ଏଡିଜେ କୋର୍ଟ ଶୁକ୍ରବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ଅଭିଯୁକ୍ତ କୁମରମଣି ଗାଣ୍ଟାଙ୍କୁ ଏଡିଜେ ମାନସ ରଞ୍ଜନ ରଥ ନିର୍ଦ୍ଦୋଶ ଘୋଷଣା କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୯ ଜୁନ୍ ୨୪ ରେ ପଦ୍ମପୁର ଥାନା ଅଧୀନ ଗୋଇବନ୍ଧ ଗ୍ରାମର କୁମାରମଣି ଆନ୍ଧ୍ର ପ୍ରଦେଶର ବିଜୟୱାଡାକୁ ଗଞ୍ଜେଇ ଚାଲାଣ କରୁଥିଲେ। ଅବକାରୀ ବିଭାଗ ପକ୍ଷରୁ ଧରପଗଡ଼ କରାଯାଇ ଗୁଣପୁର ରେଳ ଷ୍ଟେଶନରୁ କୁମରମଣିଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୧୮କେ.ଜି. ଗଞ୍ଜେଇ ଜବତ କରାଯାଇଥିଲା। ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ପୂର୍ବରୁ ଏହି ମାମଲାରେ କୁମରମଣି ହାଇକୋର୍ଟରୁ ଜାମିନ ମଧ ପାଇଥିଲେ। ଅଭିଯୁକ୍ତଙ୍କ ପାଇଁ ଅଶୋକ ଧୂଳି ଏବଂ ସରକାରଙ୍କ ପକ୍ଷରୁ କୃଷ୍ଣଚନ୍ଦ୍ର ସେନାପତି ମାମଲା ପରିଚାଳନା କରୁଥିଲେ।

### କାଳବୈଶାଖୀ: ଗଛ ପଡ଼ି ଘର ଭାଙ୍ଗିଲା

ପାଟଣା, ୮।୪ (ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ଏକ ଗଛ ଭାଙ୍ଗି ପଡ଼ିବାରୁ ବୁଢ଼ୀକାପୁଡ଼ି ପଞ୍ଚାୟତ ତେନ୍ତେଲା ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏହି ସମୟରେ ଘର ଭିତରେ ଥିବା ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିପରି ତାଙ୍କ ଘର ନିକଟରେ ଥିବା ଏକ କୁକୁଡ଼ା ଫାର୍ମର ଆଜ୍‌ବେଷ୍ଟସ ଛପର ଉଡ଼ିଯାଇଛି। ପୂର୍ଣ୍ଣଚନ୍ଦ୍ର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଜଙ୍ଗଲରୁ ଯୁବତୀଙ୍କ ମୃତଦେହ ଜବତ

ଉଦଳା,୮।୪ (ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ମଧୁପୁର ଜଙ୍ଗଲରୁ ଜଣୈକା ଯୁବତୀଙ୍କ ମୃତଦେହ ମିଳିଛି। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଜଙ୍ଗଲର ଥିବା ଏକ ଛୋଟ ଗଛରେ ଯୁବତୀଙ୍କ ମୃତଦେହ ଓଢ଼ଣିରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତ ଯୁବତୀଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତାଙ୍କୁ ହତ୍ୟା କରାଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ଏସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୨) ରୁଜୁ କରିଛି।

### ୧୯ରୁ ମା' ପାଉଡ଼ି ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଙ୍ଗିରିପୋଷି,୮।୪(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ବଣକାଟୀସ୍ଥିତ ନବ ନିର୍ମିତ ମା' ପାଉଡ଼ି ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଲାଗି ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା ସହିତ ଷୋହଳ ପ୍ରହର ଅଖଣ୍ଡ ହରି ନାମ ସଂକୀର୍ତ୍ତନ ହେବା ନେଇ ବୈଠକରେ ସ୍ଥିରୀକୃତ ହୋଇଛି।

# ନାଟକ ମାଧ୍ୟମରେ ବାଲ୍ୟବିବାହ ବିରୋଧରେ ସଚେତନତା

■ ଜିଲା ପ୍ରଶାସନର ପ୍ରଚେଷ୍ଟା ଅଭିଯାନ
■ ଶିଶୁମିତ୍ର ଜିଲା ଗଠନ ଲକ୍ଷ୍ୟ

ରାୟଗଡ଼ା ଅଫିସ,୮।୪

ରାୟଗଡ଼ା ଜିଲାରେ ବାଲ୍ୟ ବିବାହକୁ ରୋକିବା ଏବଂ ଶିଶୁ ସୁରକ୍ଷା ବ୍ୟବସ୍ଥା ଗୁଡ଼ିକର ସୁନିଶ୍ଚିତ କରାଇବା ନିମନ୍ତେ ଚାଲିଥିବା ପ୍ରଚେଷ୍ଟା ଅଭିଯାନରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଚାଲିଛି। ଜିଲା ପ୍ରଶାସନ ଏବଂ ବିଭନ୍ନ ବିଭାଗର ମିଳିତ ସହଯୋଗରେ ବାଲ୍ୟ ବିବାହକୁ ରୋକିବା ଓ ଶିଶୁ ସୁରକ୍ଷା ବ୍ୟବସ୍ଥା ଗୁଡ଼ିକୁ ସୁନିଶ୍ଚିତ କରାଇବା ନିମନ୍ତେ ଏହି ଅଭିଯାନ ଚାଲିଛି।


ପଥପ୍ରାନ୍ତ ନାଟକ ମାଧ୍ୟମରେ ଗାଁରେ ସଚେତନ କରାଯାଉଛି ।

ସମସ୍ତ ସ୍କୁଲ ଯିବା ବୟସର ପିଲାଙ୍କୁ ବିଦ୍ୟାଳୟ ପଠାଇବା, ଶିଶୁ ଶ୍ରମିକ ମୁକ୍ତ ଏବଂ ବାଲ୍ୟ ବିବାହ ମୁକ୍ତ ଜିଲା ଗଠନ କରିବା ଏବଂ ସର୍ବୋପରି ରାୟଗଡ଼ାକୁ ଏକ ଶିଶୁ ମିତ୍ର ଜିଲା କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଏଥିପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲାସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇ ପ୍ରତି ୩ ମାସରେ ଥରେ ବିଭିନ୍ନ ବିଭାଗ ଦାରା କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଉଛି। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଏହାର ତଦାରଖ କରୁଛନ୍ତି। ଉକ୍ତ କାର୍ଯ୍ୟଖସଡ଼ାର ଅଂଶ ସ୍ୱରୂପ ଜିଲା ଶିଶୁ ସୁରକ୍ଷା ୟୁନିଟ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ସହଯୋଗରେ ସାଂସ୍କୃତିକ ଓ କଳା ସଙ୍ଗଠନ ସହାୟତାରେ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ରାୟଗଡ଼ା ବ୍ଲକର ହାଲୁଆ, ତାଡ଼ମା ଓ ପିତାମହଲ ଗ୍ରାମରୁ ଏବଂ ମୁନିଗୁଡ଼ା ବ୍ଲକର କୁମୁଡ଼ାବାଲି ଗ୍ରାମରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କଳା ସଙ୍ଗଠନ ଗୁଡ଼ିକ ଜରିଆରେ ସମସ୍ତ ବ୍ଲକର ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଅଙ୍ଗନୱାଡି ଓ ଏଏନ୍‌ଏମ୍ କର୍ମୀ ଏଥିରେ ସହଯୋଗ କରିବେ ବୋଲି ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା, ଆକ୍ସନ ଏଡ୍‌ର ବାଲ୍ୟ ବିବାହ ନିଷେଧ ଜିଲା ପରାମର୍ଶଦାତା ରତ୍ନେଶର ସାହୁ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିବା ସହ ବାଲ୍ୟ ବିବାହର କୁପରିଣାମ ବିଷୟରେ ଗ୍ରାମବାସୀଙ୍କୁ ବୁଝାଇଥିଲେ।

### ମୁଣ୍ଡାକଟା ଗାଁରେ ଅଗ୍ନିକାଣ୍ଡ

ସାରସକଣା,୮।୪(ଡି.ଏନ.ଏ.):

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ମୁଣ୍ଡାକଟା ଗ୍ରାମର ବିରେନ ବେହେରାଙ୍କ ଘରେ ଶୁକ୍ରବାର ନିଆଁ ଲାଗି ବଖରାଏ ଚାଳ ଛପର ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଘରେ ଥିବା ଚାଉଳ, ଖଟ ସହିତ ଅନ୍ୟ ଆସବାବପତ୍ର ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଛି। ଖବରପାଇ ସାରସକଣା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

ପଦ୍ମପୁର, ୮।୪ (ଡି.ଏନ.ଏ.):

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ପଞ୍ଚାୟତ ମଲ୍ଲିକାଦେଇପୁର ଗ୍ରାମର କ୍ଷୌଣିକ ପଲେଇ ନାମକ ଯୁବକ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ଏକ ଗଛରେ କ୍ଷୌଣିକଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ନାୟକାଣିଡିହୀ ଥାନା ପୋଲିସକୁ ଖବର ଦେଇଥିଲେ। ଏଏସ୍‌ଆଇ ପ୍ରଭାସିନୀ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କ୍ଷୌଣିକ ଟ୍ରକ୍ ଚାଳକ ଥିଲେ। ପାରିବାରିକ କଳହକୁ କେନ୍ଦ୍ରକରି ଗୁରୁବାର ବିଳମ୍ବିତ ରାତିରେ ସେ ତାଙ୍କ ବାଡ଼ି ପଛପଟ ଏକ ଗଛରେ ବେକରେ ଦଉଡ଼ି ଲଗାଇ ଦେଇଥିବା ତଦନ୍ତରୁ ଜଣାପଡ଼ିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ. ୪/୨୨) ରୁଜୁ ହୋଇଛି।

### ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା ସନ୍ଦେହ

ଭଞ୍ଜନଗର,୮।୪(ଡି.ଏନ.ଏ):

ଗଞ୍ଜାମ ଜିଲା ତାରସିଂ ଥାନା ଗାଲେରି ଫାଣ୍ଡି ଅନ୍ତର୍ଗତ ପଥରଗଣ୍ଡା ଜଙ୍ଗଲରେ ଶୁକ୍ରବାର ଏକ ପ୍ରେମୀ ଯୁଗଳଙ୍କର ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସାମାଜିକ ସ୍ୱୀକୃତି ନମିଳିବାରୁ ଉଭୟ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତଦନ୍ତ ପରେ ମୃତ୍ୟୁର ଠିକ କାରଣ ଜଣାପଡିବ ବୋଲି ଥାନାଧିକାରୀ ପ୍ରଦୀପ୍ତ କୁମାର ଦାସ ସୂଚନା ଦେଇଛନ୍ତି। ଗାଲେରି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଏ ନେଇ ନଂ. ୫/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳୁ ଉଭୟ ଗ୍ରାମ ଛାଡି ପଳାଇଥିବା ବେଳେ ପଥରଗଣ୍ଡା ଜଙ୍ଗଲ ମଧ୍ୟରେ ଏକ ଆମ୍ବ ଗଛରେ ଉଭୟଙ୍କ ମୃତ ଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ।

### ଦୁର୍ଘଟଣାରେ ଜଣେ ମୃତ

ଫୁଲବାଣୀ ଅଫିସ, ୮।୪:

ଫୁଲବାଣୀ ବ୍ଲକ ଗଞ୍ଜୁଗୁଡା ଛକରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଗଞ୍ଜୁଗୁଡା ମୁଖିସାହିର ଭୀମସେନ ମୁଖୀ। ପଛରେ ଯାଉଥିବା ବାଇକ ଚାଳକ ଆଗରେ ଥିବା ବାଇକକୁ ଧକ୍କା ଦେବାରୁ ଚାଳକ ଜଣକ ରାସ୍ତା ଉପରେ ପଡି ଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଏବଂ ଗଞ୍ଜୁଗୁଡା ସମିତି ସଭ୍ୟ ପ୍ରଭାକର ପ୍ରଧାନ ଆମ୍ବୁଲାନ୍ସ ସହାୟତାରେ ସମସ୍ତଙ୍କୁ ଫୁଲବାଣୀ ମେଡିକାଲ ପଠାଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଭୀମସେନଙ୍କ ମୃତ୍ୟୁ ହୋଇଥିଲା।

# ଜିଲାସ୍ତରୀୟ ମେଳା ପାଇଁ ୯ ପ୍ରକଳ୍ପ ଚୟନ

**ବିଜ୍ଞାନ, ଗଣିତ ଓ ପରିବେଶ ମେଳା**

ନବରଙ୍ଗପୁର,୮।୪(ବି.ପ୍ର.)

ନବରଙ୍ଗପୁର ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରି ଶୈକ୍ଷିକ ଓ ପ୍ରତିଯୋଗିତା ମୂଳକ ଭାବନା ଦ୍ୱାରା ଉନ୍ନତି ଘଟିଥାଏ ବୋଲି କହିଥିଲେ। ଦୈନନ୍ଦିନ ଜୀବନରେ ବିଜ୍ଞାନର ପ୍ରୟୋଗ ଓ ଅବଶ୍ୟକତା ବିଷୟରେ ସେ ଗୁରୁତ୍ୱାରୋପ କରିଥିଲେ।

ଡିଇଓ ପ୍ରଦୀପ କୁମାର ନାଗ ମୁଖ୍ୟବକ୍ତାଭାବେ ଯୋଗଦେଇ ମେଳା ଆୟୋଜନର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ନବରଙ୍ଗପୁର ବିଡିଓ ସୁକାନ୍ତ ପଟ୍ଟନାୟକ ଓ ତେନ୍ତୁଳିଖୁଣ୍ଟି ବିଡିଓ ଯୋଗଦେଇ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମାନସିକ ବିକାଶ ଓ ପ୍ରତିଭା ପ୍ରତିପାଦନ ହୋଇପାରୁଛି ବୋଲି କହିଥିଲେ। ମେଳାରେ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବିଇଓଙ୍କ କାର୍ଯ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ବିଇଓ ସୁପ୍ରିୟା ନାୟକ, ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଚାରକ ରୂପେ ଉମରକୋଟର ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ମିଶ୍ର, ଅଧାପକ ଜାହାଙ୍ଗୀର ମହମ୍ମଦ ଉପସ୍ଥିତ ଥିଲେ। ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ ପରେ ୯ ପ୍ରକଳ୍ପ ଜିଲାସ୍ତରୀୟ ମେଳା ପାଇଁ ଚୟନ କରାଯାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଡିଇଓ ଏବଂ ଅନ୍ୟ ଅତିଥିମାନେ।

# ମୃତଦେହର ସୁରକ୍ଷା ନେଇ ଆଲୋଚନା କଲେ


ପୌର ଉପାଧକ୍ଷ ସୁଧାଂଶୁ ଦାସ ଏବଂ କାଉନସିଲର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

■ ସ୍ୱାସ୍ଥ୍ୟକେନ୍ଦ୍ର ଶବାଗାରରେ ମୃତଦେହ କ୍ଷତାକ୍ତ ଘଟଣା
■ ଡାକ୍ତରଖାନା ପରିଦର୍ଶନ କଲେ ପୌର ଉପାଧକ୍ଷ

ଉମରକୋଟ,୮।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ର ଶବାଗାରରେ ବ୍ୟବଚ୍ଛେଦ ପାଇଁ ରଖାଯାଇଥିବା ମୃତଦେହ ବୁଧବାର ପରିବାର ଲୋକଙ୍କୁ କ୍ଷତାକ୍ତ ଅବସ୍ଥାରେ ମିଳିଥିଲା। ମୃତଦେହ ମୂଷା ଖାଇଥିବା ଅନୁମାନ କରାଯାଇଥିଲା। ମୃତଦେହକୁ ସମ୍ମାନ ଦିଆଯାଉ ନ ଥିବା ଏବଂ ଅବ୍ୟବସ୍ଥା ମଧ୍ୟରେ ରଖାଯାଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନ ଉଠିଥିବାବେଳେ ଶୁକ୍ରବାର ଉମରକୋଟ ପୌର ପରିଷଦର ନୂତନ ଉପାଧକ୍ଷ ସୁଧାଂଶୁ ଦାସ, କାଉନସିଲର ନେତ୍ର ହରିଜନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଘଟଣା ବିଷୟରେ ଅନୁଧ୍ୟାନ କରିଛନ୍ତି।

ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ଶରତ ଚନ୍ଦ୍ର ସେଠିଙ୍କ ସହ ସେ ଶବାଗାର ପରିଦର୍ଶନ କରି ମୃତଦେହର ସୁରକ୍ଷା ବିଷୟରେ ଡାକ୍ତରଙ୍କ ସମେତ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଶବାଗାରରେ ନୂତନ କବାଟ ଲଗାଇବା ସହ ଆଗକୁ ଯେପରି ଏଭଳି ଘଟଣା ନ ଘଟିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ସେହିପରି ୬ ବର୍ଷ ହେଲା ଖରାପ ହୋଇ ପଡ଼ିଥିବା ଫ୍ରିଜରକୁ ଶୀଘ୍ର ସଜାଡ଼ିବା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ନୂତନ ଫ୍ରିଜର କିପରି ଆସିପାରିବ ସେ ଦିଗରେ ଅଧିକାରୀଙ୍କ ସହ ଆଲୋଚନା କରି ଚେଷ୍ଟା କରିବି ବୋଲି ଉପାଧକ୍ଷ କହିଛନ୍ତି।

# ୧୦ ବାଲି ଟ୍ରାକ୍ଟର ଜବତ, ୧ଲକ୍ଷ ଜରିମାନା

**ବିନା ୱାଇ ଫର୍ମରେ ଆନ୍ଧ୍ରକୁ ବାଲି ଚାଲାଣ**

ରାୟଗଡ଼ା ଅଫିସ,୮।୪

ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ବ୍ୟବସାୟୀ ରାୟଗଡ଼ାରୁ ବେଆଇନ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଛନ୍ତି। ଏଥିରେ ଆନ୍ଧ୍ର ବାଲି ମାଫିଆ ମାଲାମାଲ ହେଉଥିବାବେଳେ ଏଥିପାଇଁ ଓଡ଼ିଶା ସରକାର ଅନେକ ରାଜସ୍ୱ ହରାଉଛନ୍ତି। ଲିଜ୍ ନ ଥାଇ ନାଗାବଳୀ ଗର୍ଭରୁ ମେଶିନ ଦ୍ୱାରା ବାଲି ଉଠାଣ ହେଉଛି। ବାରମ୍ବାର ଅଭିଯୋଗ ପାଇବା ପରେ ଶୁକ୍ରବାର ତହସିଲଦାର ତାପସ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ରାୟଗଡ଼ା ସଦର ବ୍ଲକ ଅଧୀନ ଜଗନ୍ନାଥପୁର, ମାଲିଗାଁ ଓ ବେହେରାଗୁଡ଼ା ବାଲିଘାଟରେ ଚଢ଼ାଉ କରି ୧୦ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ପ୍ରତ୍ୟେକ ଟ୍ରାକ୍ଟର ମାଲିକଙ୍କୁ ୧୦ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି।

ଅନ୍ୟପକ୍ଷରେ କେବଳ ଟ୍ରାକ୍ଟର ଜବତ କରି ଭାରିଯାନକୁ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା ଟ୍ରାକ୍ଟର ମାଲିକମାନେ ଅଭିଯୋଗ କରିଛନ୍ତି। ଏ ନେଇ ତହସିଲଦାର ଗଣମାଧ୍ୟମ ନିକଟରେ ସୂଚନା ଦେଇ କହିଛନ୍ତି, ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇ ବିଭିନ୍ନ ସମୟରେ ବେଆଇନ ବାଲି ବୋଝେଇ ଗାଡ଼ି ଜବତ କରାଯାଉଛି। ବିନା ୱାଇ ଫର୍ମରେ ବାଲି ଚାଲାଣ କରୁଥିବା ଗାଡ଼ି ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଉଥିବା ସେ କହିଛନ୍ତି।

# ଚିତ୍ରକୋଣ୍ଡାରେ ସ୍ୱେଚ୍ଛାକୃତ ଜଳଛତ୍ର



ଲାଲ ବାହାଦୁର ଶାସ୍ତ୍ରୀ କ୍ରିକେଟ ଆଣ୍ଡ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଖୋଲିଥିବା ଜଳଛତ୍ର ।

ଚିତ୍ରକୋଣ୍ଡା,୮।୪(ଡି.ଏନ.ଏ.)

ଦିନକୁ ଦିନ ବଢ଼ିବାରେ ଲାଗିଛି ଗ୍ରୀଷ୍ମ ଋତୁ। ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ଲୋକଙ୍କୁ ଅତିଷ୍ଠ କରୁଛି। ତେବେ ବିଭିନ୍ନ ଛକ ସ୍ଥାନରେ ଶୋଷ ମେଣ୍ଟାଇବା ଲାଗି ଏଯାଏ ଖୋଲିନି ଜଳଛତ୍ର। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ୟାଙ୍କ ଲାଇନ ଓ ଗଉଡ଼ସାହିରେ ଲାଲ ବାହାଦୁର ଶାସ୍ତ୍ରୀ କ୍ରିକେଟ ଆଣ୍ଡ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ଭାବେ ଜଳଛତ୍ର ଖୋଲିଛି। ଏହା ଲୋକଙ୍କ ପାଇଁ ବେଶ୍ ଉପାଦେୟ ହୋଇପାରୁଛି। ସେହିଭଳି ଚିତ୍ରକୋଣ୍ଡା ଥାନା ପକ୍ଷରୁ ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ଉଦ୍ୟମରେ ଗତ ବର୍ଷଠାରୁ ଚିତ୍ରକୋଣ୍ଡା ମୁଖ୍ୟ ରାସ୍ତା ଥାନା ସମ୍ମୁଖରେ ମଧ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା ହୋଇଛି। ଚଳିତ ବର୍ଷ ମଧ ଏହି ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

# ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ

ବୋରିଗୁମ୍ମା,୮।୪(ଡି.ଏନ.ଏ.)

କୋରାପୁଟ ଜିଲା ବୋରିଗୁମ୍ମାଠାରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲାର ୧୪ଟି ବ୍ଲକରୁ ୨ଜଣ ଲେଖାଏ ଶିକ୍ଷକ ପ୍ରତିନିଧି ଯୋଗ ଦେଇଥିଲେ। ରାଜ୍ୟସଂଘ ଜୋନାଲ ସମ୍ପାଦକ ଏବଂ ଜିଲା ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାଗୁଡିକର ସମାଧାନ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହାକୁ ବୋରିଗୁମ୍ମା ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ତଥା ଉପଦେଷ୍ଟା ସି.ଏଚ.ନାଗେଶ୍ୱର ରାଓ, ମୃତ୍ୟୁଞ୍ଜୟ ପଣ୍ଡା, ଏନ.କାମେଶ୍ୱର ରାଓ, ଲଳିତ ପଟ୍ଟନାୟକ, କିଶୋର ଚନ୍ଦ୍ର ସାହୁ, ବିନାୟକ ପୂଜାରୀ , ପ୍ରଶାନ୍ତ ଗୌଡ, ମହେନ୍ଦ୍ର ଶତପଥୀ, ଅନିଲ ଦେବତା, ନିଳାଚଳ ହୋତା, ଲମ୍ବୋଦର ପଣ୍ଡା, ନୀଳକଣ୍ଠ ଭାତଭୋଇ, ସୁରେନ୍ଦ୍ର ତ୍ରିପାଠୀ,ବିଜୟ ଷଡଙ୍ଗୀ ଏବଂ କନିଷ୍ଠ ଶିକ୍ଷକ ସଂଘର ରବିନ ସାହୁ, ସନ୍ତୋଷ ନାୟକ, ଶିବ ସାହୁ, ରାକେଶ ସାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ତେଜସ୍ୱିନୀଙ୍କୁ ନାଏବ ସରପଞ୍ଚ କରାଯାଉ

■ ଉପଜିଲାପାଳଙ୍କୁ ଅନୁରୋଧ ପତ୍ର ଦେଲେ ୱାର୍ଡସଭ୍ୟା, ସଭ୍ୟ
■ କୋରମ ଅଭାବରୁ ହୋଇପାରୁନି ନିର୍ବାଚନ

ନବରଙ୍ଗପୁର,୮।୪(ବି.ପ୍ର.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତରେ କୋରମ ଅଭାବ ଯୋଗୁ ନାଏବ ସରପଞ୍ଚ ନିର୍ବାଚନ ହୋଇପାରୁନାହିଁ। ବାରମ୍ବାର ନିର୍ବାଚନ ସ୍ଥଗିତ ରଖାଯାଉଛି। ଏ ନେଇ ନବନିର୍ବାଚିତ ୱାର୍ଡ ସଭ୍ୟା ଏବଂ ସଭ୍ୟମାନେ ନବରଙ୍ଗପୁର ଉପଜିଲାପାଳଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ମଞ୍ଚାଗାଁ ପଞ୍ଚାୟତର ନବ ନିର୍ବାଚିତ ସମସ୍ତ ସଭ୍ୟା ଏବଂ ସଭ୍ୟ ପଞ୍ଚାୟତର ତେଜସ୍ୱିନୀ ଓଦୁଙ୍କୁ ନାଏବ ସରପଞ୍ଚ କରିବାକୁ ଅନୁରୋଧ କରିଛନ୍ତି। ତେଜସ୍ୱିନୀ ଯୁକ୍ତ୨ ପଢ଼ିଛନ୍ତି। ସେ ଶିକ୍ଷିତ ହୋଇଥିବାରୁ ତାଙ୍କୁ ନାଏବ ସରପଞ୍ଚ କରାଗଲେ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଠିକ୍‌ଭାବେ ହୋଇପାରିବ ବୋଲି ସେମାନେ କହିଛନ୍ତି।


ଉପଜିଲାପାଳଙ୍କୁ ଅନୁରୋଧ ପତ୍ର ଦେବାକୁ ଆସିଥିବା ନବ ନିର୍ବାଚିତ ୱାର୍ଡ ସଭ୍ୟା, ସଭ୍ୟମାନେ।

# ପରିତ୍ୟକ୍ତ କୂଅରେ ଭାସୁଛି ମୃତଦେହ

ବୁଗୁଡ଼ା,୮।୪(ଡି.ଏନ୍.ଏ)

ଗଞ୍ଜାମ ବୁଗୁଡ଼ା ସହର ଉପକଣ୍ଠ ପୋଲସରା ରାସ୍ତାର ଏନ୍‌ଏସି ସ୍ୱାଗତ ଗେଟ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରୁ ଅଜଣା ମୃତଦେହ ପଡ଼ିଛି। ଦୁର୍ଗନ୍ଧ ହେବାରୁ କିଛି ଲୋକ କୂଅ ନିକଟକୁ ଯାଇ ମୃତଦେହ ଭାସୁଥିବା ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ଶୁକ୍ରବାର ସନ୍ଧ୍ୟାରେ ଶତାଧିକ ଲୋକ ଘଟଣାସ୍ଥଳରେ ରୁଣ୍ଡ ହୋଇଥିଲେ। ଖବର ପାଇ ବୁଗୁଡା ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି କୂଅ ଭିତରୁ ଗଳିତ ମୃତଦେହ ବାହାର କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ମୃତହେଦ ପଚି ସଢ଼ି ଯାଇଥିବାରୁ ଘଟଣାଟି ପ୍ରାୟ ସପ୍ତାହେ ପୂର୍ବରୁ ଘଟିଥିବା ଅନୁମାନ କରାଯାଉଛି । ମୃତଦେହର ମୁହଁରୁ ଅଧା ଶରୀର ପର୍ଯ୍ୟନ୍ତ ଅଖା ଗୁଡ଼ାଇ ହୋଇ ରହିଥିବା ଏବଂ ଗୋଡ଼ରୁ ଦେହ ପର୍ଯ୍ୟନ୍ତ ଶାଢ଼ୀ ଗୁଡ଼ାଇ ହୋଇ ରହିଥିବାରୁ ହତ୍ୟା ପରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି।

# ବେଞ୍ଚପ୍ରେସ୍‌ରେ ଅନିକେତ, ଡେଡ୍‌ଲିଫ୍ଟରେ ଲକିଙ୍କୁ ସ୍ୱର୍ଣ୍ଣ

ଡାବୁଗାଁ, ୮।୪(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ଠାରେ ଅନୁଷ୍ଠିତ ବେଞ୍ଚପ୍ରେସ୍ ଚାମ୍ପିୟନଶିପରେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ଅଞ୍ଚଳର ଅନିକେତ ଦାଶ ସ୍ୱର୍ଣ୍ଣ ପଦକ ପାଇ ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ପ୍ରାନ୍ତରୁ ୪୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜୁନିୟର ବର୍ଗରେ ଅନିକେତ ୯୦ କେ.ଜି. ଓଜନ ଉଠାଇ ପ୍ରଥମ ସ୍ଥାନ ହାସଲ କରିଥିଲେ।

ସେହିପରି ଜୁନିଅର ବର୍ଗ ଡେଡ୍‌ଲିଫ୍ଟ ପ୍ରତିଯୋଗିତାରେ ଡାବୁଗାଁର ଲକି କଳାର ସ୍ୱର୍ଣ୍ଣ ଏବଂ ସବ୍ ଜୁନିଅର ବର୍ଗ ବେଞ୍ଚପ୍ରେସ୍ ପ୍ରତିଯୋଗିତାରେ ବିନୋଦ ହରିଜନ ବ୍ରୋଞ୍ଜ ପଦକ ପାଇ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଡାବୁଗାଁ ବ୍ଲକ ସଦର ଅଞ୍ଚଳର ୩ କୃତୀ ପ୍ରତିଯୋଗୀଙ୍କୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମାନପତ୍ର ସହ ପୁରସ୍କୃତ କରିଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯୁବଗୋଷ୍ଠୀଙ୍କ ଶାରୀରିକ ଦକ୍ଷତା ବୃଦ୍ଧି କରିବାକୁ ମାଷ୍ଟର ଟ୍ରେନର୍ ଭାବେ ସୁରଜ ସିଂ ପ୍ରଶିକ୍ଷଣ ଦେଉଛନ୍ତି। ତାଙ୍କଠାରୁ ପ୍ରଶିକ୍ଷଣ ନେଇ ଯୁବକମାନେ ଏହି ସଫଳତା ପାଇଛନ୍ତି। ସଫଳତା ନେଇ ପ୍ରତିଯୋଗୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିଛି।


ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ଡାବୁଗାଁ ପ୍ରତିଯୋଗୀଙ୍କ ସଫଳତା**

## ସଂକ୍ଷେପରେ

### ଦରବୃଦ୍ଧି ପ୍ରତିବାଦରେ ସିପିଆଇର ବିକ୍ଷୋଭ

ଜୟପୁର,୮।୪ (ନି.ପ୍ର.)-ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)କୋରାପୁଟ ଜିଲା ଶାଖା ପକ୍ଷରୁ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଜୟପୁର ସହର ପାରବେଡ଼ା ଛକଠାରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ସିପିଆଇ ପକ୍ଷରୁ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଧାରଣାସ୍ଥଳରୁ ସିପିଆଇ କର୍ମୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜୟପୁର ମୁଖ୍ୟ ଟ୍ରାଫିକ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ହୋଇଥିବା ଦରବୃଦ୍ଧି କମାଇବା, ଅଶୋଧିତ ତୈଳ ଦର ବ୍ୟାରେଲ ପିଛା କମ୍ ଦର ଥିବା ବେଳେ ଆନ୍ଦୋଳନ କରୁଥିବା ଭାଜପା ନେତାମାନେ ଏବେ ନୀରବ କାହିଁକି ବୋଲି ସିପିଆଇ ପ୍ରଶ୍ନ ଉଠାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୧୦୦ ଡଲାର ତଳକୁ ଥିବା ବେଳେ ଦେଶରେ ପେଟ୍ରୋଲ, ଡିଜେଲ ଦର ଲିଟର ପିଛା ୧୦୦ ଟପିଲାଣି। ଏହାକୁ ନେଇ ବିଭିନ୍ନ ସାମଗ୍ରୀର ଦର ମଧ ବଢ଼ିଚାଲିଛି। ଗରିବ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି ବୋଲି ସିପିଆଇ ଅଭିଯୋଗ କରିଛି। ଏହି କାର୍ଯ୍ୟକ୍ରମରେ ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ,ବିମଳ ପଟ୍ଟନାୟକ, ଉତ୍ତମ ମଲ୍ଲିକ, ନନ୍ଦ ହରିଜନଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

### ଉତ୍ପାଦନ ବୃଦ୍ଧି ହେଲେ ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବ

କୋରାପୁଟ,୮।୪(ସ୍ୱ.ପ୍ର.)-ଚାହିଦା ଅନୁଯାୟୀ ଉତ୍ପାଦନ ବୃଦ୍ଧି କରିବା ଏବଂ ଏହାର ଠିକ୍ ବଜାର ବ୍ୟବସ୍ଥା ହୋଇପାରିଲେ ଚାଷୀଙ୍କ ଆୟ ଦ୍ୱିଗୁଣିତ ହୋଇପାରିବ ବୋଲି ସ୍ଥାନୀୟ ଅତିଥିଭବନଠାରେ ଆୟୋଜିତ ଦୁଇଦିନିଆ କୃଷକ ଉତ୍ପାଦକ କମ୍ପାନୀର ପ୍ରଶିକ୍ଷଣ ଶିବିରରେ ମତ ପ୍ରକାଶ ପାଇଛି। ନାବାର୍ଡ ସହାୟତାରେ ମହାଶକ୍ତି ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଏହି ଶିବିରରେ ଉତ୍ପାଦକ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପ୍ରୋତ୍ସାହନକାରୀ ଅନୁଷ୍ଠାନଗୁଡ଼ିକର ପ୍ରତିନିଧିମାନେ ସାମିଲ ହୋଇଥିଲେ। ମହାଶକ୍ତି ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ନାବାର୍ଡର କୋରାପୁଟ ଦାୟିତ୍ୱରେ ଥିବା ଡିଜିଏମ୍ ମୁରାରୀ ମୋହନ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ନାବାର୍ଡ ପରାମର୍ଶ ସେବା ଅନୁଷ୍ଠାନର ବିଶେଷଜ୍ଞ ମଣ୍ଡଳୀ ଯୋଗଦେଇ ଅଞ୍ଚଳର ଚାଷୀମାନଙ୍କ ଆର୍ଥିକ ପ୍ରଗତିରେ କୃଷକ ଉତ୍ପାଦକ କମ୍ପାନୀଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କୃଷି ବିଶେଷଜ୍ଞ ମୋହନ ବଳିଆର ସିଂ, କୋରାପୁଟ ଓର୍‌ମାସର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋଶନ କାର୍ତ୍ତିକ, ସନ୍ନ୍ୟ ମହାପାତ୍ର, ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କୃଷକ ଉତ୍ପାଦକ କମ୍ପାନୀର ଜ୍ଞାନକୌଶଳ ଓ ଦକ୍ଷତା ସମ୍ପର୍କରେ ମତ ରଖିଥିଲେ। ଶିବିରରେ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲାରୁ ୩୫ ଜଣ ପ୍ରତିନିଧି ଯୋଗଦେଇଥିଲେ। ପ୍ରକଳ୍ପ ପରିଚାଳକ ଦେବେନ୍ଦ୍ର ମିଶ୍ର, ଅର୍ଜୁନ ପାଳ ସହଯୋଗ କରିଥିଲେ।

### ମୂଳାସର ପୂଜା କମିଟି ନାମରେ ପଟ୍ଟା ରେକର୍ଡ ଦାବି

ଜୟପୁର, ୮।୪ (ନି.ପ୍ର.)-ଜୟପୁର ବ୍ଲକ ଅନ୍ତର୍ଗତ ମୂଳାସର ଗ୍ରାମର ଗ୍ରାମବାସୀ ଶୁକ୍ରବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଅବସରରେ ସେମାନେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି, ୨୦୨୨ରୁ ଉକ୍ତ ଅଞ୍ଚଳରେ ବାଲିଯାତ୍ରା ହୋଇ ଚୈତ୍ର ମାସରେ ଉଦ୍‌ଯାପିତ ହେଉଛି। ବାଲିଯାତ୍ରାରେ ବହୁ ଅର୍ଥ ଖର୍ଚ୍ଚ ହେଉଛି। ବାଲିଯାତ୍ରା ପାଇଁ ସରକାରଙ୍କ ପକ୍ଷରୁ ଦେବତା ଭୂମି ନାମରେ ଜମି ରହିଛି। ଏହି ଜମିର ପଟ୍ଟା ୩ ଜଣଙ୍କ ନାମରେ ରହିଛି। ଏବେ ଏହି ୩ଜଣ ଖାତାଧାରୀଙ୍କ ମୃତ୍ୟୁ ହୋଇସାରିଲାଣି। ପୂର୍ବରୁ ଗ୍ରାମର ରଇତ ହିସାବରେ ଖାତାଦାରମାନେ ଚୈତ୍ର ମାସ ପୂର୍ବରୁ ବାର୍ଷିକ ୫ ପଉଟି ଧାନ ଦେଉଥିଲେ। ଏହି ଧାନ ପ୍ରତ୍ୟେକ ବର୍ଷ ବାଲିଯାତ୍ରାରେ ଖର୍ଚ୍ଚ ହେଉଥିଲା। ବର୍ତ୍ତମାନ ଖାତାଦାରମାନଙ୍କ ମୃତ୍ୟୁ ହୋଇ ସାରିଥିବା ବେଳେ ଉତ୍ତରାଧିକାରୀମାନେ ଜୀବିତ ଅଛନ୍ତି। ବର୍ଦ୍ଧିତ ହାରରେ ଧାନ ମାଗିବାକୁ ଗଲେ ସେମାନେ ଦେବାକୁ ରାଜି ହେଉନାହାନ୍ତି। ଧମକ ଚମକ ଦେଉଛନ୍ତି। ପ୍ରଶାସନ ଏ ଦିଗରେ ହସ୍ତକ୍ଷେପ କରି ସେହି ଜମିକୁ ମୂଳାସର ପୂଜା କମିଟି ନାମରେ ପଟ୍ଟା ରେକର୍ଡ କରିବାକୁ ଗ୍ରାମର ଭୀମା ଦେବତା ପୂଜା କମିଟି ସଦସ୍ୟ ବି.ହରିରାଓ, ରାମଚନ୍ଦ୍ର ଭୂମିଆ, ଶ୍ୟାମ ନାୟକ, ଅର୍ଜୁନ ଭୂମିଆ ପ୍ରମୁଖ ଦାବି କରିଛନ୍ତି। ଏହାର ନକଲ ଜୟପୁର ତହସିଲଦାର ପ୍ରଧାନ ଟୁଲ୍ଲିଆମ୍ମାଙ୍କୁ ମଧ ପ୍ରଦାନ କରାଯାଇଛି।

# ପିଲାଙ୍କ ପାଇଁ ସମ୍ପର୍କ ଯୋଜନା

କୋରାପୁଟ,୮।୪(ସ୍ୱ.ପ୍ର.)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ପିଲାଙ୍କୁବିଦ୍ୟାଳୟ ମୁହାଁ କରିବାକୁ କୋରାପୁଟ ଜିଲାରେ ଆରମ୍ଭ ହେବ ସମ୍ପର୍କ ଯୋଜନା। କେନ୍ଦ୍ର ସରକାରଙ୍କ ପକ୍ଷରୁ ହେଉଥିବା ଏହି ଯୋଜନାର ବୃତ୍ତାନ୍ତ ରୂପରେଖ କ'ଣ ହେବ ସେନେଇ ନୀତି ଆୟୋଗର ସିଇଓ ଅମିତାଭ କାନ୍ତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ରାଜ୍ୟର ୧୦ ଜିଲାର ଜିଲାପାଳଙ୍କୁ ନେଇ ହୋଇଥିବା ଏହି ବୈଠକରେ ୧୫ଟି ରାଜ୍ୟର ଶିକ୍ଷା ସଚିବ ଓ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ। କୋଭିଡ୍ ଯୋଗୁ ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବା ଦ୍ୱାରା ଏହାର ପ୍ରଭାବ ଛାତ୍ରୀଛାତ୍ରଙ୍କ ଉପରେ ପଡ଼ିଛି। ଛାତ୍ରୀଛାତ୍ର ଓ ବିଦ୍ୟାଳୟ ମଧ୍ୟରେ ଦୂରତା ସୃଷ୍ଟି ହୋଇଛି । ଏହି ଦୂରତା କିପରି ହ୍ରାସ ହୋଇପାରିବ ସେହି ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଆରମ୍ଭ କରୁଛନ୍ତି ଏହି ସମ୍ପର୍କ ଯୋଜନା। ଓଡ଼ିଶା ସମେତ ଆସାମ, ବିହାର, ଛତିଶଗଡ଼, ହିମାଚଳ ପ୍ରଦେଶ, ଜମ୍ମୁ କଶ୍ମୀର, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ହରିୟାଣା, ରାଜସ୍ଥାନ, ମହାରାଷ୍ଟ୍ର, ଉତ୍ତରାଖଣ୍ଡ ଓ ଉତ୍ତର ପ୍ରଦେଶର ୯୦ଟି ପଛୁଆ ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏନେଇ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତି ଚାଲିଛି । ଏଥିରେ ଦେଶର ୧ଲକ୍ଷ ୫୦ ହଜାର ବିଦ୍ୟାଳୟର ୧ କୋଟି ୫୦ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବେ। ଓଡ଼ିଶାର କୋରାପୁଟ ଜିଲା ସମେତ ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଜିଲାରେ ସମ୍ପର୍କ ଯୋଜନା କାର୍ଯ୍ୟକାରୀ ହେବ। ନୀତି ଆୟୋଗର ଏହି ଭିଡିଓ କନ୍‌ଫରେନ୍ସ ବୈଠକରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କ ସମେତ ଜିଲାପାଳ ଓ ଶିକ୍ଷା ଜିଲା ଅଧିକାରୀମାନେ ଉପସ୍ଥିତ ଥିଲେ।

## ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ,ଅଭିଯୁକ୍ତ ଗିରଫ

ବୈପାରିଗୁଡ଼ା,୮।୪ (ଡି.ଏନ୍.ଏ.)

ବୈପାରିଗୁଡ଼ା ଥାନା ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତର ହାଟଗୁଡା ଗ୍ରାମରେ ଜଣେ ବୃଦ୍ଧଙ୍କୁ ଶୋଇଥିବା ଅବସ୍ଥାରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏନେଇ ବୈପାରିଗୁଡ଼ା ଥାନାରେ ଅଭିଯୋଗ ହୋଇଛି। ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଛି। ଗୁରୁତର ବୃଦ୍ଧ ଜଣକ ହେଲେ ସାଧବ ସାନ୍ତା (୫୬)। ଖବରରୁ ଜଣାପଡିଛି ହାଟଗୁଡା ଗ୍ରାମରେ ଗୁରୁବାର ସନ୍ଧ୍ୟାରେ କୌଣସି କାରଣରୁ ସାଧବଙ୍କ ପୁଅ ଓ ବୋହୂଙ୍କ ମଧ୍ୟରେ ଝଗଡା ଲାଗିଥିଲା। ଏହି ସମୟରେ ଅଭିଯୁକ୍ତ ଚଣ୍ଡାଳ ଗାଦବା ସେଠାରେ ପହଞ୍ଚି ଝଗଡା ସମାଧାନ କରିବାକୁ ଚେଷ୍ଟା କରିଥିଲେ। ତେବେ ପାରିବାରିକ ଘଟଣାରେ ଚଣ୍ଡାଳଙ୍କ ହସ୍ତକ୍ଷେପ ନେଇ ସାଧବ ନାପସନ୍ଦ କରିଥିଲେ। ଏହାକୁ ନେଇ ସେଠାରେ ସାଧବ ଓ ଚଣ୍ଡାଳଙ୍କ ମଧ୍ୟରେ ବଚସା ହୋଇଥିଲା। ଚଣ୍ଡାଳ ଘରକୁ ଫେରି ଆସି ପରେ ରାତି ୨ଟାରେ ସାଧବଙ୍କ ଘରକୁ ଯାଇ ସେଠାରେ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ ଚଣ୍ଡାଳଙ୍କ ପୁଅ ଭଗବାନ ଶୁକ୍ରବାର ଥାନାରେ ଏତଲା ଦେଇଛନ୍ତି। ସାଧବଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ତାଙ୍କୁ ଚିକିତ୍ସା ପାଇଁ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି । ଏସ୍‌ଆଇ ନରସିଂହ ପାଢୀ ମାମଲାର ତଦନ୍ତ କରୁଛନ୍ତି। କେସ୍ ନଂ. ୭୯/୨୨।

## ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ପକ୍ଷରୁ ବୈଠକ

ଜୟପୁର, ୮।୪ (ନି.ପ୍ର.)

ଜୟପୁର ଐତିହାସିକ ଜଗନ୍ନାଥ ସାଗରର ବିକାଶ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ଜୟନଗର ପାର୍କଠାରେ ହୋଇଥିବା ବୈଠକରେ ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ପଞ୍ଜିକୃତ ହୋଇଥିବା ଅନ୍ୟମାନଙ୍କୁ ଅବଗତ କରାଯାଇଥିଲା। ଜଗନ୍ନାଥ ସାଗରର ସମସ୍ତ ଜମି ଫିସେରି ଅଧୀନରେ ରହିଛି। ଏହାକୁ ଜଗନ୍ନାଥ ସାଗର ସହ ମିଶାଇବା, ସାଗର ଭିତରକୁ ଯାଉଥିବା ନାଳ ନର୍ଦ୍ଦମା ପାଣି ବନ୍ଦ କରିବା ଏବଂ ସାଗରର ସମ୍ପୂର୍ଣ୍ଣ ସଫେଇ ନେଇ ଡିପିଆର ପ୍ରସ୍ତୁତ ହୋଇଛି ସେ ବିଷୟରେ ଆଲୋଚନା ହୋଇଥିଲା। ଜଗନ୍ନାଥ ସାଗରର ଚିହ୍ନଟକରଣ, ସମ୍ପୂର୍ଣ୍ଣ ଜଗନ୍ନାଥ ସାଗରକୁ ଗୋଟିଏ ବିଭାଗ ଅଧୀନରେ ରଖିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଜୟପୁର ପୌର କାର୍ଯ୍ୟନିବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର, ଏମଆଇ ଡିଭିଜନର ନିର୍ବାହୀ ଯନ୍ତ୍ରୀ ସୁବାଷ ଚନ୍ଦ୍ର ସେଠୀଙ୍କ ସହ ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଚୁଆ ଗ୍ରାମବାସୀଙ୍କ ଭରସା


ଚୁଆରୁ ଗ୍ରାମବାସୀ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

ମାଲକାନଗିରି, ୮।୪(ଡି.ଏନ.ଏ.)

ରାଜ୍ୟ ସରକାର ପ୍ରତି ଗ୍ରାମରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଲାଗି ବସୁଧା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ମାଲକାନଗିରି ଜିଲାରେ ଏହି ଯୋଜନା କେବଳ ସରକାରୀ କାଗଜପତ୍ରରେ ସୀମିତ ରହିଯାଇଛି। ଫଳରେ ବିଶୁଦ୍ଧ ପାଣି ମୁନ୍ଦେ ପାଇପାରୁନାହାନ୍ତି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଦୋରାଗୁଡ଼ା ଗ୍ରାମବାସୀ। ଜଳ ହିଁ ଜୀବନ ସେମାନଙ୍କ ପାଇଁ ଏକ ସ୍ଲୋଗାନରେ ପରିଣତ ହୋଇଛି। ଖବରରୁ ଜଣାପଡ଼ିଛି ସରକାର ପ୍ରତି ଗ୍ରାମରେ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ସୋଲାର ଚାଳିତ ପାଇପ୍, ନଳକୂପ ଆଦି ବସାଇଛନ୍ତି। ମାତ୍ର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକରେ ବସବାସ କରୁଥିବା ୨୦ ପରିବାର ଏଥିରୁ ଉପକୃତ ହୋଇପାରୁନାହାନ୍ତି। ବସିଥିବା ନଳକୂପ ଅବସ୍ଥା ନ କହିବା ଭଲ। ଏଥିରୁ ବାହାରୁଥିବା ପାଣିରୁ ଲୁହାଗୁଣ୍ଡ ବାହାରୁଛି। ଗୋଟିଏ ନଳକୂପ ବ୍ୟତୀତ ଗ୍ରାମରେ ପିଇବା ପାଣିର ଅନ୍ୟ କୌଣସି ବ୍ୟବସ୍ଥା ନାହିଁ। ଗ୍ରାମବାସୀ ଗ୍ରାମଠାରୁ ଦୂରରେ ଥିବା ଏକ ଚୁଆରୁ ପାନୀୟ ଜଳ ସଂଗ୍ରହ କରିଥାନ୍ତି। ଏ ସମ୍ପର୍କରେ କୋରୁକୋଣ୍ଡା ବିଡିଓ ଅଂଶୁମାନ ମହାପାତ୍ରଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ।

## ଫେରାର ଯୁବକଙ୍କୁ ଧରିଲା ଝାଡଖଣ୍ଡ ପୋଲିସ

ଗୋପାଳପୁର ୮।୩(ଡି.ଏନ.ଏ.)

**ବଳାତ୍କାର ମାମଲା**

ଯୁବତୀଙ୍କୁ ବଳାତ୍କାର ମାମଲାରେ ଫେରାର୍ ଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ଗୋପାଳପୁର ଥାନା ଅଞ୍ଚଳରୁ ଗିରଫ କରି ଝାଡ଼ଖଣ୍ଡ ପୋଲିସ ନେଇଛି । ସେ ହେଲେ ଝାଡ଼ଖଣ୍ଡ ରାଜ୍ୟର ଭାରଜାମୁଡା ଗ୍ରାମର ଆଶିର୍ବାଦ କୁମାର ପ୍ରିତମ। ଝାଡଖଣ୍ଡ ରାଜ୍ୟ ନାମକୁମ ଥାନା ଅଞ୍ଚଳରେ ଗତ ବର୍ଷ ଅଗଷ୍ଟରେ ଜଣେ ଯୁବତୀଙ୍କୁ ପ୍ରିତମ ବଳାତ୍କାର କରି ଫେରାର ହୋଇଯାଇଥିଲେ । ଏ ନେଇ ଯୁବତୀ ଜଣକ ନାମକୁମ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ. ୧୯୯/୨୧ ବଳାତ୍କାର ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପ୍ରିତମ ଗତ କିଛି ମାସ ହେଲେ ଗୋପାଳପୁର ଏନ୍‌ଏସିରେ ଥିବା ବ୍ୟାଙ୍କ ଅଫ ବରୋଦାରେ ସହକାରୀ ଶାଖା ପରିଚାଳକ ଭାବେ କାମ କରୁଥିଲେ। ଏ ନେଇ ନାମକୁମ ଥାନା ପୋଲିସ ପ୍ରାଥମିକ ଚାର୍ଜ ସିଟ କୋର୍ଟରେ ଦାଖଲ କରିଥିଲା । ପରବର୍ତ୍ତୀ ସମୟରେ କୋର୍ଟ ପ୍ରିତମଙ୍କ ନାଁରେ ଜାମିନ ବିହୀନ ଗିରଫ ପରୱାନ ଜାରି କରିଥିଲା। ପ୍ରିତମ ଗୋପାଳପୁରରେ ରହୁଥିବା ଖବର ପାଇ ନାମକୁମ ଥାନାର ଚାରି ଜଣିଆ ଏକ ଟିମ ଶୁକ୍ରବାର ଗୋପାଳପୁର ଥାନା ପୋଲିସ ସାହାଯ୍ୟରେ ବ୍ୟାଙ୍କ ଅଫ ବାରୋଦରେ ଚଢ଼ାଉ କରି ପ୍ରିତମଙ୍କୁ ଧରିଥିଲେ। ବ୍ରହ୍ମପୁର ସିଜିଏମ୍ କୋର୍ଟରେ ପ୍ରିତମଙ୍କୁ ହାଜର କରି ଟ୍ରାଞ୍ଜିଟ ରିମାଣ୍ଡରେ ଝାଡ଼ଖଣ୍ଡ ପୋଲିସ ନେଇଥିବ ସୂଚନା ମିଳିଛି ।

## ପରିତ୍ୟକ୍ତ କୂଅରେ ଭାସୁଛି ମୃତଦେହ

ବୁଗୁଡ଼ା,୮।୪(ଡି.ଏନ୍.ଏ)

ଗଞ୍ଜାମ ବୁଗୁଡ଼ା ସହର ଉପକଣ୍ଠ ପୋଲସରା ରାସ୍ତାର ଏନ୍‌ଏସି ସ୍ୱାଗତ ଗେଟ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରୁ ଅଜଣା ମୃତଦେହ ପଡ଼ିଛି। ଦୁର୍ଗନ୍ଧ ହେବାରୁ କିଛି ଲୋକ କୂଅ ନିକଟକୁ ଯାଇ ମୃତଦେହ ଭାସୁଥିବା ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ଶୁକ୍ରବାର ସନ୍ଧ୍ୟାରେ ଶତାଧିକ ଲୋକ ଘଟଣାସ୍ଥଳରେ ରୁଣ୍ଡ ହୋଇଥିଲେ। ଖବର ପାଇ ବୁଗୁଡା ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି କୂଅ ଭିତରୁ ଗଳିତ ମୃତଦେହ ବାହାର କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ମୃତଦେହ ପଚି ସଢ଼ି ଯାଇଥିବାରୁ ଘଟଣାଟି ପ୍ରାୟ ସପ୍ତାହେ ପୂର୍ବରୁ ଘଟିଥିବା ଅନୁମାନ କରାଯାଉଛି । ମୃତଦେହର ମୁହଁରୁ ଅଧା ଶରୀର ପର୍ଯ୍ୟନ୍ତ ଅଖା ଗୁଡ଼ାଇ ହୋଇ ରହିଥିବା ଏବଂ ଗୋଡ଼ରୁ ଦେହ ପର୍ଯ୍ୟନ୍ତ ଶାଢ଼ୀ ଗୁଡ଼ାଇ ହୋଇ ରହିଥିବାରୁ ହତ୍ୟା ପରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି।

## ଶହୀଦ ତାମ୍ପା ଦୋରା ଆଦିବାସୀ କ୍ଲବ ପକ୍ଷରୁ ସ୍ୱାଗତ କାର୍ଯ୍ୟକ୍ରମ

ମାଲକାନଗିରି, ୮।୪(ଡି.ଏନ.ଏ.)


ସ୍ୱାଗତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମାଲକାନଗିରି ଜିଲା କାଲିମେଲା ବ୍ଲକ ଶହୀଦ ତାମ୍ପା ଦୋରା କ୍ଲବ ପକ୍ଷରୁ ଶୁକ୍ରବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ମାଲକାନଗିରିର ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ମୁଖ୍ୟବକ୍ତା ରୂପେ ସଂଘ ଉପଦେଷ୍ଟା ଭୁଦେ ମହାନନ୍ଦିଆ, ସମ୍ମାନିତ ଅତିଥି ରୂପେ କାଲିମେଲା ପଞ୍ଚାୟତର ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାଲା ମାଡି, ସଂଘ ସଭାପତି ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଙ୍ଗାଧର ସୋଡି, ଉପସଭାପତି ମୁନି କବାସୀ, କୋଷାଧ୍ୟକ୍ଷ ଦେଶା କମରାମି, ନବନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁବାସିନୀ ସୋଡି, ଜିଲା ପରିଷଦ ଜୋନ୍-୨ର ମମତା ପଡିଆମି, ଜୋନ୍-୩ର ପତିତପାବନ ବୈଦ୍ୟ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଶହୀଦ ତାମ୍ପା ଦୋରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଅନ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

## ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଅଶ୍ଳୀଳ ପୋଷ୍ଟ: ଥାନାରେ ଏତଲା

ପାଟଣା, ୮।୪(ସ୍ୱ. ପ୍ର.):

ଓଡ଼ିଶା କୁଡୁମୀ ସେନାର ହ୍ୱାଟ୍ସ ଆପ ଗ୍ରୁପ୍‌ରେ ସିଲିପଦା ପଞ୍ଚାୟତ ସରସ୍ୱତୀ ପଡ଼ା ଗ୍ରାମର ରଜତ ମହାନ୍ତ ନାମକ ଜଣେ ଯୁବକ ଅଶ୍ଳୀଳ ଭିଡିଓ ପୋଷ୍ଟ କରିଥିବା ପାଟଣା ଥାନାରେ ଅଭିଯୋଗ ହୋଇଛି। କୁଡୁମୀ ସେନା ଉପ ସଭାପତି ମିତ୍ରଭାନୁ ମହାନ୍ତ, କୋଷାଧ୍ୟକ୍ଷ ତଥା ଗଣମାଧ୍ୟମ ମୁଖପାତ୍ର ଲମ୍ବୋଦର ମହାନ୍ତ, ଯୁବ ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତ, ପାଟଣା ବ୍ଲକ ମିଡିଆ ସେଲ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମହାନ୍ତ, ଭରତ ଚନ୍ଦ୍ର ମହାନ୍ତ, ମୋହନ ସୁନ୍ଦର ମହାନ୍ତ, ଅଶୋକ କୁମାର ମହାନ୍ତ, ବିଜୟ କୁମାର ମହାନ୍ତ ପ୍ରମୁଖ ଥାନାରେ ଉପସ୍ଥିତ ରହି ପୋଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏନେଇ କୁଡୁମୀ ସେନା ରାଜ୍ୟ ଉପଭାପତି ମିତ୍ରଭାନୁ ମହାନ୍ତଙ୍କୁ ପଚାରିବାରୁ କୁଡୁମୀ ସେନାକୁ ବଦନାମ କରିବାକୁ ଯୁବକଙ୍କ ସହ କିଛି ଅସାଧୁ ବ୍ୟକ୍ତି ଏଭଳି ହୀନ ଉଦ୍ୟମ କରିଛନ୍ତି। କୁଡୁମୀ ଜାତି ଆଗାମୀ ଦିନରେ ଏମାନଙ୍କୁ ଉଚିତ୍ ଜବାବ ଦେବେ ବୋଲି କହିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

ବୈପାରିଗୁଡ଼ା,୮।୪(ଡି.ଏନ୍.ଏ.)

ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଶୁକ୍ରବାର ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ସରପଞ୍ଚ ସୂର୍ଯ୍ୟମଣି ନାୟକ ମୁଖ୍ୟ ଅତିଥି, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣା ପ୍ରଶିକ୍ଷଣ ସମ୍ପର୍କରେ ମତ ରଖିଥିଲେ। ଅଧ୍ୟାପକ ଭଗବାନ ପ୍ରଧାନ ପରିଚାଳନା କରିଥିଲେ। ଅଧ୍ୟାପକ ଡା. ସଦାନନ୍ଦ ଅଡାରୀ ଧନ୍ୟବାଦ ଦେଇଥିଲେ। ଶିବିରରେ ୯୪ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ୧୯ ଯାଏ ଏହି ଶିବିର ଚାଲିବ।


ଛାତ୍ରୀମାନେ ଆତ୍ମରକ୍ଷା ପ୍ରଶିକ୍ଷଣ ନେଉଛନ୍ତି।

## ଦେଶୀ ମଦ ଚୋରାଚାଲାଣ ବେଳେ ୨ଗିରଫ

ଜୟପୁର, ୮।୪ (ନି.ପ୍ର.)

ଚୋରାରେ ଦେଶୀ ମଦ ଚାଲାଣ କରୁଥିବା ବେଳେ ଜୟପୁର ଅବକାରୀ ହାତରେ ୨ଜଣ ଧରାପଡିଛନ୍ତି। ସେମାନେ ହେଲେ ପଲକାପୁଟ ଗ୍ରାମର ନିଲମ ଭେରାଇଆ (୪୩) ଓ ନୂଆଗୁଡ଼ାର ଦୁଲାରାମ ହରିଜନ (୪୦)। ଜୟପୁର ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ବାଲିଆ ବ୍ରିଜ୍ ନିକଟରେ ଚଢାଉ କରି ଚୋରା ମଦଚାଲାଣକାରୀଙ୍କୁ ଧରିଥିଲା। ଉଭୟଙ୍କଠାରୁ ୪୦ ଲିଟର ମଦ ଜବତ ହୋଇଛି। ଗିରଫ ପରେ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ବିଲାପୁଟ ଶବରୀ ନାରାୟଣ ମନ୍ଦିର ପ୍ରତିଷ୍ଠା ନେଇ ବୈଠକ

କୋରାପୁଟ,୮।୪(ସ୍ୱ.ପ୍ର.)

କୋରାପୁଟ ଜିଲାର ବିଲାପୁଟ ଗ୍ରାମଠାରେ ନିର୍ମାଣଧୀନ ଶବରୀ ନାରାୟଣ ମନ୍ଦିରର ପ୍ରତିଷ୍ଠାନେଇ ଗ୍ରାମବାସୀଙ୍କ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଲାପୁଟ ଗ୍ରାମ ସମେତ ଆଖପାଖ ଅଞ୍ଚଳର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ । ଏହି ଅବସରରେ ନିର୍ମାଣଧୀନ ମନ୍ଦିରଠାରେ ହୋମ ଯଜ୍ଞ ହୋଇଥିଲା। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ କିଭଳି କରାଯିବ, ଅର୍ଥ କିପରି ଯୋଗାଡ ହେବ ଏବଂ ନିର୍ମାଣଧୀନ କଲ୍ୟାଣ ମଣ୍ଡପ କାର୍ଯ୍ୟ ଶୀଘ୍ର ଶେଷ କରିବା ଲାଗି ବୈଠକରେ ସ୍ଥିର ହୋଇଥିଲା । ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ଶବରୀ ନାରାୟଣ ଜଗନ୍ନାଥ ମନ୍ଦିର ସମ୍ପାଦକ ଲଳିତ ମୋହନ ପଟ୍ଟନାୟକ ଶିରପା ବାନ୍ଧି ନିମନ୍ତ୍ରଣ କରିଥିଲେ। ସମସ୍ତେ ଏକ ମନ, ଏକ ପ୍ରାଣ ହୋଇ ସମସ୍ତେ ଜଗନ୍ନାଥ ମନ୍ଦିର କାର୍ଯ୍ୟ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। ମନ୍ଦିର ପରିଚାଳନା କମିଟି ଉପସଭାପତି ନାରାୟଣ ପ୍ରଧାନ, ବିଶ୍ୱନାଥ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ମନ୍ଦିର ପ୍ରତିଷ୍ଠା ନେଇ ଚାଲିଥିବା ହୋମଯଜ୍ଞ।

## ସୌରଚାଳିତ ପ୍ରକଳ୍ପ ଜରିଆରେ ପାନୀୟ ଜଳ ଯୋଗାଣ

କାଲିମେଲା, ୮।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ନାଲାଗୁଣ୍ଡି ପଞ୍ଚାୟତ ଇଣ୍ଡିକୋଣ୍ଡା ଗ୍ରାମରେ ପାନୀୟ ଜଳ ପାଇଁ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆଇଜିଡିଏ ଓଜିଇଏଲ୍ପି ପ୍ଲସ୍ ଓ ଏସ୍‌ଏଲ୍‌ଏନ୍‌ଡିଏସ୍ ସ୍ୱେଚ୍ଛାସେବୀ ସଂସ୍ଥା ମାଧ୍ୟମରେ ଗ୍ରାମରେ ଅଚଳାବସ୍ଥାରେ ଥିବା ନଳକୂପକୁ ସଜଡ଼ାଯାଇ ସୌରଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଥିଲା। ପ୍ରକଳ୍ପ ଦ୍ୱାରା ୨୫ଟି ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ଗ୍ରାମର ୫୨ରୁ ଉର୍ଦ୍ଧ୍ୱ ପରିବାର ଉପକୃତ ହେବା ନେଇ ବ୍ୟବସ୍ଥା ହୋଇଥିଲା। ଏଥିପାଇଁ ୨ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହି ଅବସରରେ ଜଗନ୍ନାଥ ଗ୍ରାମ୍ୟ ଉନ୍ନୟନ ସଂଘ ସଭାପତି ଦେବେନ୍ଦ୍ର ମାଡ଼କାମି ଓ ସମ୍ପାଦକ ଭୀମା ମାଡ଼କାମି, ଗ୍ରାମର ପୂର୍ବତନ ସରପଞ୍ଚ ଇରମା ମାଡ଼କାମିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମୁଖ୍ୟ ଅଭିଯୁକ୍ତ ପ୍ରିନ୍ସଙ୍କୁ ରିମାଣ୍ଡରେ ଆଣିବ ପୋଲିସ

ଜୟପୁର, ୮।୪ (ନି.ପ୍ର.)

**ସହରରେ ଗୁଳି ଫୁଟିବା ଘଟଣା**

ଜୟପୁର ସହରରେ ଗୁଳିଫୁଟିବା ଘଟଣାରେ ପୁଣି ୨ ଜଣଙ୍କୁ ଗିରଫ କରିଛି ଟାଉନ ଥାନା ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଗୌତମ ଟାକରି ଓ ଦିପକ ଖରା । ସେମାନଙ୍କୁ କୋରାପୁଟରୁ ଗିରଫ କରାଯାଇଛି । ଗତ ୧୯ରେ ଜୟପୁର ସହର ଗୋପବନ୍ଧୁ ନଗରର କାର୍ତ୍ତିକ ନାଗଙ୍କୁ ଅପହରଣ କରି ହତ୍ୟା ଉଦ୍ୟମ କରାଯାଇଥିଲା। ପେଷାଦାର ଅପରାଧୀମାନେ ଗୁଳି ମାଡ଼ କରି ଏହି ଘଟଣା ଘଟାଇଥିଲେ। ତେବେ ଏଥିରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରିନ୍ସଙ୍କୁ ପୋଲିସ ରିମାଣ୍ଡରେ ଆଣିବାକୁ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ ଘଟଣା ପଛରେ ବିଜେଡିର ହାତ ଥିବା ଅଭିଯୋଗ କରି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସେ ସମୟରେ ଟାଉନଥାନା ଘେରାଉ କରି ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଏସ୍‌ପି ବରୁଣ ଗୁଣ୍ଟୁପାଲି ଜୟପୁରରେ ଏକ ଖବରଦାତା ସମ୍ମିଳନୀ କରି ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦେଇଥିଲେ। କାର୍ତ୍ତିକ ତାଙ୍କ ୩ ସାଙ୍ଗ ୨ଟି ବାଇକରେ ଯାଉଥିବା ବେଳେ ଅଭିଯୁକ୍ତ ଉମୁରି ଅଞ୍ଚଳର ସଞ୍ଜୟ ସୁନା, ପ୍ରିନ୍ସ ଓ ଗୌତମ ଟାକରି ପହଞ୍ଚି ଏକ ରାଉଣ୍ଡ ଚଳନା କରିଥିଲେ । ଖବରପାଇ ପୋଲିସ କାର୍ତ୍ତିକଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ୨୦ ତାରିଖରେ ଗିରଫ ଅଭିଯୁକ୍ତମାନେ ହେଲେ ଲିଙ୍ଗରାଜ ନଗରର ଚନ୍ଦ୍ରସାଇ ସଗରିଆ, କୁମୁଲିପୁଟର ପ୍ରଶାନ୍ତ ଖରା, ଅଜୟ ହରିଜନ ଓ କୋରାପୁଟ ଏଲଆଇସି କଲୋନୀର ରାକେଶ ଦାସ । ଏହି ମାମଲାରେ ପୋଲିସ ୩ଟି ଟିମ ଗଠନ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପ୍ରିନ୍ସ କୋର୍ଟରେ ଆତ୍ମସର୍ପଣ କରିଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ସଙ୍ଗୀନ ମାମଲା ରହିଥିବା ଶୁକ୍ରବାର ଜୟପୁରଠାରେ ଏସଡିପିଓ ଅରୁପ ଅଭିଷେକ ବେହେରା କହିଛନ୍ତି ।

